## ସଂକ୍ଷେପରେ

### ଟ୍ରାକିଂରେ ଧରା ପଡ଼ିଲେ ଲୁଟେରା

**ବ୍ରହ୍ମପୁର ଅଫିସ,୭।୫:** ମୋବାଇଲ ଫୋନ ଟ୍ରାକିଂ ବେଳେ ରେଳବାଇ ପୋଲିସ ଜାଲରେ ଜଣେ ଲୁଟେରା ଧରା ପଡ଼ିଛନ୍ତି । ସେ ହେଲେ ରବିନ ସରକାର (୬୦) ଓ ତାଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା ବେଳେ ସେ କିଛି ବର୍ଷ ହେଲା ବାଲିଗାଁ ଅଶୋକ ନଗର ଅଞ୍ଚଳରେ ରହୁଥିଲେ। ଟ୍ରେନ ଯାତ୍ରୀଙ୍କ ମୋବାଇଲ ଚୋରି ଅଭିଯୋଗରେ ରେଳବାଇ ପୋଲିସ ତାଙ୍କୁ ମାମଲା ନମ୍ବର ୮୬/୧୭ ଅନୁସାରେ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି । ପ୍ରକାଶ ଯେ ଗଜପତି ନଗରର ବ୍ୟବସାୟୀ ବ୍ରହ୍ମାନନ୍ଦ ଶତପଥି ଗତ ୨୦୧୭ ଡିସେମ୍ବର ୨୩ରେ କୌଣସି କାମରେ କଟକ ଯାଇଥିଲେ । ଉକ୍ତ ଦିନ ସନ୍ଧ୍ୟାରେ ସେ କଟକ-ପାଲାସା ଫାଷ୍ଟ ପାସେଞ୍ଜର ଟ୍ରେନରେ ବ୍ରହ୍ମପୁର ଫେରୁଥିଲେ । ଗଞ୍ଜାମ ରେଳ ଷ୍ଟେଶନ ନିକଟରେ ତାଙ୍କ ପକେଟରେ ଥିବା ଲେନୋଭୋ ମୋବାଇଲଟି ହଠାତ୍ ଗାଏବ ହୋଇଯାଇଥିଲା । ସେ ବ୍ରହ୍ମପୁର ଫେରି ରେଳବାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିଲା। ମୋବାଇଲଟି ସୁଇଚ୍ ଅଫ୍ ରହିଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଧରି ପାରୁନଥିଲା । ପୋଲିସ ଟ୍ରାକିଂ ଜାରି ରଖିଥିବା ବେଳେ ହଠାତ୍ ସୋମବାର ଉକ୍ତ ମୋବାଇଲ ଚାଲୁ ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଟ୍ରାକିଂ କରି ରବିନଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ଠାରୁ ଚୋରି ମୋବାଇଲ ଜବତ କରାଯାଇଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି ।

### ୪ ଅପମୃତ୍ୟୁ ମାମଲା

**ବ୍ରହ୍ମପୁର ଅଫିସ,୭।୫:** ବ୍ରହ୍ମପୁର ବଡ଼ ମେଡିକାଲରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ମେଡିକାଲ ଫାଣ୍ଡି ପୋଲିସ ୩ଟି ମୃତଦେହ ଜବତ କରି ପୃଥକ ଭାବେ ୩ ଅପମୃତ୍ୟୁ ମାମଲା ରୁଜୁ କରିଛି । ସେହିପରି ସଦର ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି । ବାଣପୁର ଥାନା ମାଟିଆ ପୋଖରୀ ଗ୍ରାମର ମନିଷା ପ୍ରଧାନ (୨୫) କୌଣସି ଘରୋଇ କଳହକୁ କେନ୍ଦ୍ରକରି ସୋମବାର ଅପରାହ୍ନରେ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସୋମବାର ରାତ୍ର ମୃତ୍ୟୁ ଘଟିଥିଲା। ସେହିପରି ସଦର ଥାନା ବାଲିପଡ଼ା ପତିତପାବନପୁରର ଦୀପକ ଦାସ (୨୦) ବୋଇରାଣିର ଏକ ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ । ସେ ବୋଇରାଣି ନିକଟ ରାସ୍ତାକଡ଼ରେ ସୋମବାର ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବୋଇରାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତ୍ର ତାଙ୍କର ମୃତ୍ୟୁ ଘଟିଛି। ସେହିପରି ବଡ଼ଗଡ଼ ଥାନା ଗୋପାଳପୁର ଗ୍ରାମର ପିଣ୍ଟୁ ଗୌଡ଼ (୨୧) ଶୋଇଥିବା ବେଳେ ମଙ୍ଗଳବାର ଭୋର ୫ଟା ବେଳେ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ବଡ଼ ମେଡିକାକୁ ଆଣିଥିଲେ ମଧ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଫାଣ୍ଡି ପୋଲିସ ୩ ମୃତଦେହ ଜବତ କରି ୨୨୨/୧୯, ୨୨୩/୧୯, ୨୨୪/୧୯ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରିଛି । ସେହିପରି ସଦର ଥାନା ନଳିହାଡ଼ ଗ୍ରାମର ମୁନା ନାଇକ (୨୪) ଗତ ୪ ତାରିଖ ଘର ଛାତ ଉପରେ ଲୁଗା ଶୁଖାଉଥିବା ବେଳେ ତାଙ୍କ ଛାତ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ । ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା । ସଦର ଥାନା ପୋଲିସ ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

■ ଗଞ୍ଜାମ ଜିଲା ପ୍ରତି ରେଲୱେର ଅବହେଳା

# ନିର୍ମାଣ ହେଉନି ଶିଳ୍ପାଞ୍ଚଳ ପାସେଞ୍ଜର ହଲ୍ଟ

■ରେଳ ୱାଗନ ନିର୍ମାଣ କାରଖାନା ପ୍ରତ୍ୟାହାର

■ସର୍ଭେରେ ଅଟକିଛି ନୂଆ ରେଳପଥ

**ବ୍ରହ୍ମପୁର ଅଫିସ,୭।୫**

ଗଞ୍ଜାମ ଜିଲା ପ୍ରତି ରେଲୱେ ବିଭାଗର ଅବହେଳା ଅବ୍ୟାହତ ରହିଛି । ଦୀର୍ଘବର୍ଷର ଦାବି ବ୍ରହ୍ମପୁର ଶିଳ୍ପାଞ୍ଚଳ ପାସେଞ୍ଜର ହଲଟ୍ ଷ୍ଟେଶନ କାର୍ଯ୍ୟକାରୀ କରା ନ ଯାଇ ଆଖି ବୁଜି ଦିଆଯାଇଛି । କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ଉପା ସରକାର ମଞ୍ଜୁର କରିଥିବା ଶୀତଳାପଲ୍ଲୀ ରେଳ ୱାଗନ ନିର୍ମାଣ କାରଖାନା ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ଦ୍ୱାରା ପ୍ରତ୍ୟାହାର କରାଯାଇଛି । ସର୍ଭେ କାର୍ଯ୍ୟର ୧୦ ବର୍ଷ ପୂରିବାକୁ ଯାଉଥିବା ବେଳେ ବେଳାଭୂମି ସହର ଗୋପାଳପୁରରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂଆ ରେଳପଥ ନିର୍ମାଣ ହୋଇ ନ ଥିବା ବେଳେ ବ୍ରହ୍ମପୁରରୁ ଫୁଲବାଣୀ ରେଳପଥ ନିର୍ମାଣ ପ୍ରସ୍ତାବରେ ଅଟକି ଯାଇଛି । ବ୍ରହ୍ମପୁର-ସୁରଟ ଏବଂ ଦିଲ୍ଲୀ ସିଧାସଳଖ ରେଳ ଚଳାଚଳ ଦାବିକୁ ଉପେକ୍ଷା କରାଯାଇଛି । ସୂଚନାଯୋଗ୍ୟ, ବ୍ରିଟିଶ ଶାସନରେ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ ଥିଲା। ଅଦାଲତ ଗୁଡ଼ିକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ଥିଲା । ଗଞ୍ଜାମ ଜିଲାବାସୀଙ୍କ ସୁବିଧା ନିମନ୍ତେ ଅଦାଲତ ଗୁଡ଼ିକ ବ୍ରହ୍ମପୁର ସ୍ଥାନାନ୍ତରିତ ପାଇଁ ବ୍ରିଟିଶ ସରକାର ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ମାଡ୍ରାସ ଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ ଲାଗି ୧୮୭୨ ମସିହାରେ ସର୍ଭେ କରାଯାଇଥିଲା । ଏହାର ୧୦ ବର୍ଷ ପରେ ରେଳ ଚଳାଚଳ ଆରମ୍ଭ ହେଲା । ବ୍ରହ୍ମପୁର କୋର୍ଟ (ଅଦାଲତ) ନିକଟବର୍ତ୍ତୀ ତତ୍କାଳୀନ ଆଙ୍କୁଲି ଓ ବର୍ତ୍ତମାନର ଶିଳ୍ପାଞ୍ଚଳ ପାର୍ଶ୍ୱରେ କୋର୍ଟ ହଲ୍ଟ ଷ୍ଟେଶନ ନିର୍ମାଣ ହୋଇଥିଲା । ପୁରାତନ ତଥ୍ୟ ପ୍ରକାରେ ୧୯୪୫ ଦ୍ୱିତୀୟ ମହାଯୁଦ୍ଧ ବେଳେ ବ୍ରିଟିଶ ସାମ୍ରାଜ୍ୟକୁ ଦମନ ପାଇଁ ଜାପାନ ପକ୍ଷରୁ ବୋମାମାଡ଼ କରାଯିବାରୁ କୋର୍ଟ ହଲଟ୍ ଷ୍ଟେଶନ ଧ୍ୱଂସ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆଙ୍କୁଲିରେ ଶିଳ୍ପାଞ୍ଚଳ ୧୯୭୪ କଂଗ୍ରେସ ଶାସନରେ ପ୍ରତିଷ୍ଠା କରାଗଲା । ତେବେ ପୁରାତନ କୋର୍ଟ ହଲ୍ଟ ସ୍ଥାନରେ ଶିଳ୍ପାଞ୍ଚଳ ପାସେଞ୍ଜର ଟ୍ରେନ ହଲଟ୍ ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇଛି । ଏଥିପାଇଁ ଶିଳ୍ପାଞ୍ଚଳ ପାସେଞ୍ଜର ହଲଟ୍ ସଂଗ୍ରାମ ସମିତି ଗଠନ ହୋଇଛି । ବହୁବାର ଆନ୍ଦୋଳନ ମଧ କରାଯାଇଛି । ତଥାପି ଦାବି ପୂରଣ ଦିଗରେ ରେଳ ମନ୍ତ୍ରଣାଳୟ ଚୁପ୍ ରହିଛି । ୨୦୧୬ରେ ସଂଗ୍ରାମ ସମିତି ନେତାମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁହାରି କଲେ । ଶିଳ୍ପାଞ୍ଚଳ ଆଖପାଖ ୨୬ ଖଣ୍ଡ ଗ୍ରାମବାସୀଙ୍କ ସୁବିଧା ନିମନ୍ତେ ହଲଟ୍ ଷ୍ଟେଶନ ତୁରନ୍ତ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୧୬ ଜାନୁୟାରୀ ୧୯ରେ ରେଳମନ୍ତ୍ରୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ତାଙ୍କ ଦାୟିତ୍ୱ ସାରିଦେଲେ। ସଂଗ୍ରାମ ସମିତି ସଭାପତି ପଞ୍ଚାନନ ଚୌଧୁରୀ, ଆବାହକ ବିଜେଡି ନେତା ଉମା ଚରଣ ନାୟକ, ମୁଖପାତ୍ର ବୃନ୍ଦାବନ ସାବତ ଓ ସାଧାରଣ ସମ୍ପାଦକ ଅବନୀ ଗୟା ଏହି ସୂଚନା ଦେଇଛନ୍ତି। ହଲଟ୍ ଷ୍ଟେଶନ କେବେ ହେବ ତାହା ମଧ ଅନିଶ୍ଚିତତା ହୋଇଯାଇଛି । ସେହିପରି ରେଳ ୱାଗନ ନିର୍ମାଣ କାରଖାନା ପାଇଁ ରାଜ୍ୟ ସରକାର ଶୀତଳାପଲ୍ଲୀରେ ଜମି ଯୋଗାଇଥିଲେ । ମୋଦି ସରକାରଙ୍କ ପ୍ରଥମ ବଜେଟରେ ଟୋକେନ ବ୍ୟୟବରାଦ କରିଥିବା ସତ୍ତ୍ୱେ ପରବର୍ତ୍ତୀ ପର୍ଯ୍ୟାୟରେ କାରଖାନା ପ୍ରତ୍ୟାହାର କରାଯାଇଛି। ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ଏହି ଅଭିଯୋଗ କରାଯାଇଛି । ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ପାଇଁ ସର୍ଭେ ପରେ କେନ୍ଦ୍ର ଯୋଜନା କମିଶନ ୨୦୧୨ ମସିହାରେ ବ୍ୟୟ ଅଟ୍ଟକଳ ମଞ୍ଜୁର କରିଛନ୍ତି । ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନାହିଁ । ବ୍ରହ୍ମପୁର-ଫୁଲବାଣୀ ରେଳପଥ ପ୍ରସ୍ତାବରେ ରହିଛି ଏବଂ ସୁରଟ ଓ ଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଚଳ ଆରମ୍ଭ ହୋଇନଥିବାରୁ ଗଞ୍ଜାମ ଜିଲା ପ୍ରତି ରେଲୱେ କର୍ତ୍ତୃପକ୍ଷଙ୍କ ଅଣଦେଖା ତଥା ଅବହେଳା ସ୍ପଷ୍ଟ ହୋଇଛି ।



ଚାଷ ଜମିରେ ଧାନ ବିହନ ବୁଣାଯାଉଛି।

## ଜିଲାସ୍ତରୀୟ ଅକ୍ଷୟତୃତୀୟା ପାଳିତ

**ପାରଳାଖେମୁଣ୍ଡି, ୭।୫ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟ ପାଳିତ ହୋଇଯାଇଛି। ଜିଲା କୃଷି ବିଭାଗର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗଜପତି ଜିଲାପାଳ ଅନୁପମ ସାହା କ୍ଷେତରେ ଶସ୍ୟ ପୂଜାର୍ଚ୍ଚନା କାର୍ଯ୍ୟ କରି ଅଖିମୁଠି ଅନୁକୂଳ କରିଥିଲେ । ପରେ ଚାଷ କ୍ଷେତରେ ହଳ ଲଙ୍ଗଳ ବୁଲାଇ ଧାନବୁଣା କରିଥିଲେ । ପରେ ଚାଷୀମାନଙ୍କ ନିମନ୍ତେ ଏକ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଜିଲା କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷୟ ତୃତୀୟାର ମହାତ୍ମ୍ୟ ଉପରେ କହି ଅଖିମୁଠି ଅନୁକୁଳ ଓ ମାଟି ମାଆଙ୍କୁ ଆଜିର ଦିନରେ ପୂଜାର୍ଚ୍ଚନା କରିବା ଦ୍ୱାରା କୃଷିକାର୍ଯ୍ୟ ପାଇଁ ଉତ୍ତମ ପରିବେଶ ସୃଷ୍ଟି ହେବା ସହ ଫସଲ ଉତ୍ପାଦନ ବଢି ଚାଷୀର ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍.ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରଶ୍ମିତା ଥାପୋଙ୍କ ସହ ବହୁ କୃଷକ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ବ୍ରହ୍ମପୁର ଅଫିସ୍,୭।୫**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ପ୍ରାୟୋଜିତ ତଥା ବିଭିନ୍ନ କ୍ରୀଡ଼ା ସଂଗଠନଗୁଡ଼ିକ ଦ୍ୱାରା ପରିଚାଳିତ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ବ୍ରହ୍ମପୁର ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଏମ୍‌ସିର ବସ୍ତି ଉନ୍ନୟନ ଅଧିକାରୀ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ । ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଏନ୍.ସି. ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଜିଲା ହ୍ୟାଣ୍ଡବଲ୍ ସଂଘର ସଭାପତି ଅଶୋକ ଶୁକ୍ଳ ଏବଂ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ ସାହୁ, ଉପସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ, ତାରିଣୀ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ସନ୍ତୋଷ ସାହୁ ଏବଂ ବସନ୍ତ ପାଣିଗ୍ରାହୀ, ସମ୍ପାଦକ(ବାସ୍କେଟବଲ୍) ଶରତ ଚନ୍ଦ୍ର ମହାପାତ୍ର, ବକ୍ସିଂ କୋଚ୍ ଶିଶିର ପାଣିଗ୍ରାହୀ, ଷ୍ଟାଡିୟମ୍ ଇନଚାର୍ଜ କାଜଲ ସାହୁ, ପ୍ରକାଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଶିବିରରେ ଆଥଲେଟିକ୍‌ରେ ୪୦ ବାଳକ ଏବଂ ୯ ବାଳିକା, ବାସ୍କେଟବଲ୍‌ରେ ୮୩ ବାଳକ ଏବଂ ୪୮ ବାଳିକା, ବକ୍ସିଂରେ ୭୧ ବାଳକ ଏବଂ ୨୩ ବାଳିକା, ଫୁଟବଲ୍‌ରେ ୪୦ ବାଳକ, ଖୋଖୋରେ ୧୬ ବାଳକ ଏବଂ ୭ ବାଳିକା, କବାଡ଼ିରେ ୧୯ ବାଳକ ଏବଂ ୨ ବାଳିକା, ଭଲିବଲ୍‌ରେ ୫ ବାଳକ, କ୍ରିକେଟ୍‌ରେ ୧୦୨ ବାଳକ, ହ୍ୟାଣ୍ଡବଲ୍‌ରେ ୫୦ ବାଳକ ଏବଂ ୩୩ ବାଳିକା ଏପରି ମୋଟ ୫୪୩ ଖେଳାଳି ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି । ଶିବିର ଜୁନ୍ ପ୍ରଥମ ସପ୍ତାହରେ ଶେଷ ହେବ ।

## ପୁରୀ ଗଲେ ୨୫୦ ସଫେଇ କର୍ମଚାରୀ

**ବ୍ରହ୍ମପୁର ଅଫିସ, ୭।୫**

ଫନୀ ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ପୁରୀ ସହରର ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଗଞ୍ଜାମ ଜିଲାର ବିଭିନ୍ନ ସହରାଞ୍ଚଳରୁ ୨୫୦ ସଫେଇ କର୍ମଚାରୀ ସୋମବାର ପୁରୀ ଯାଇଥିବା ସୂଚନା ମିଳିଛି । ବ୍ରହ୍ମପୁର ମହାନଗର ନିଗମ ସମେତ ଗଞ୍ଜାମ ଜିଲାର ବିଭିନ୍ନ ସହରାଞ୍ଚଳର ଏହି କର୍ମଚାରୀମାନେ ପୁରୀ ଯାଇଛନ୍ତି। ସେଥିମଧ୍ୟରେ ବିଏମ୍‌ସିର ୧୦୦ କର୍ମଚାରୀ ରହିଛନ୍ତି । ସେମାନଙ୍କ ସହ ବିଏମସି ପକ୍ଷରୁ ୧୨ ଟାଟା ଏସି, ୨ ଜେସିବିକୁ ସଫେଇ କାର୍ଯ୍ୟରେ ସହାୟତା ପାଇଁ ପୁରୀକୁ ପଠାଯାଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି ।

## ସୋରଡ଼ାରେ ରମ୍‌ଜାନ ଆରମ୍ଭ

**ସୋରଡ଼ା,୭।୫(ଡି.ଏନ୍.ଏ.)**

ସୋରଡ଼ାରେ ପବିତ୍ର ରମ୍‌ଜାନ ମାସ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମସ୍‌ଜିଦ୍‌କୁ ଆଲୋକମାଳାରେ ସଜାଯିବା ସହ ମୁସ୍‌ଲିମ୍‌ମାନେ ଉପବାସ (ରୋଜା) ଆରମ୍ଭ କରିଛନ୍ତି। ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ରୋଜା ରଖି ସନ୍ଧ୍ୟାରେ ଉପବାସ ଭାଙ୍ଗିବା ବିଧି ରହିଛି। ଏହି ରୋଜା ନିୟମ ଅନୁସାରେ ଭୋର୍ ୩ଟାରେ ଶହେରୀ (କିଛି ଖାଇ) କରି ସନ୍ଧ୍ୟା ୬ଟା ପରେ ଇଫ୍‌ତାର(ରୋଜା ଭାଙ୍ଗିବା) କରାଯାଇଥାଏ । ରମ୍‌ଜାନରେ ଅଞ୍ଚଳର ସମସ୍ତ ମୁସଲମାନ୍ ସମବେତ ନମାଜ ପାଠ କରି ସମାଜର କଲ୍ୟାଣ କାମନା କରନ୍ତି। ଏହିଦିନରେ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥାଏ।

## ୱାରେଣ୍ଟ ବଳରେ ମହିଳା ଗିରଫ

**ଦିଗପହଣ୍ଡି,୭।୫(ଡି.ଏନ୍.ଏ.)**

ଦିଗପହଣ୍ଡି ପୋଲିସ ମଙ୍ଗଳବାର ଜଲମେରିପଲ୍ଲୀ ଗ୍ରାମର ସଞ୍ଜୁ ପ୍ରଧାନଙ୍କୁ ବ୍ରହ୍ମପୁର କୋର୍ଟକୁ ଚାଲାଣ କରିଛି। ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟପକ୍ଷରୁ ମାମଲା ନଂ. ଜିଆର-୧୧୬/୨୦୧୧ ଅନୁଯାୟୀ ସଞ୍ଜୁଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା ।

## ଲିଙ୍ଗଗତ ବିଭେଦ, ହିଂସାକୁ ରୋକିବା ପାଇଁ କର୍ମଶାଳା

**ପାରଳାଖେମୁଣ୍ଡି, ୭।୫(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ଲିଙ୍ଗଗତ ବିଭେଦ ଓ ହିଂସାକୁ ରୋକିବାପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆଇଏସ୍‌ଆର୍‌ଡି ଚାଇଲ୍ଡଲାଇନ, ଜିଲା ସ୍ୱାସ୍ଥ୍ୟ ସମିତି ଓ ସାମାସାପାର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ଜିଲାର ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ସମାଜରେ ଚାଲୁଥିବା ଲିଙ୍ଗଗତ ବିଭେଦ ଓ ହିଂସାକୁ ରୋକିବା ପାଇଁ ଚିକିତ୍ସାଳୟର ଭୂମିକା ଉପରେ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ସାରା ଶର୍ମା ଯୋଗଦେଇ ଅସୁବିଧାରେ ପଡିଥିବା ସମସ୍ତ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତି ପ୍ରଦାନ କରିବା ସହ ଡାକ୍ତରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲାକୁ ଆସିଥିବା ମିସ୍ ଆଦାଶା ଫତିମା ଓ ଅଭି ଗୁପ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସୂତି ଚିକିତ୍ସାଳୟ ସଂଚାଳନର ପଦ୍ଧତି ବର୍ଣ୍ଣନା କରିବା ସହ ଡାକ୍ତରମାନଙ୍କ ମନରେ ଥିବା ସମସ୍ତ ସନ୍ଦେହକୁ ଦୂରୀକରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ପି.କେ.ରଥ, ଡାକ୍ତର ରମେଶ ଚନ୍ଦ୍ର ଜେନା, ଏନ୍.ଏଚ୍.ଆର୍.ଏମ୍.ର ଡିପିଏମ୍ ସୌମ୍ୟରାଣୀ ଗୌଡ଼, ଜିଲା ଶିଶୁ ସୁରକ୍ଷାଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା, ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର,ପୋଲିସ, ଚାଇଲ୍ଡଲାଇନ୍‌ର ମିଳିତ ଭାବେ କାମ କରିବାପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଚାଇଲ୍ଡଲାଇନର ନିର୍ଦ୍ଦେଶକ ସୁଧିର ସାବର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କେନ୍ଦ୍ର ସଂଯୋଜକ ନାଗେଶ୍ୱର ଚୌଧୁରୀ, ଟିମ୍ ମେମ୍ବର ଟି.ସୁରେଶ କୁମାର, ଭେଙ୍କେଟଶ ସେନାପତି,, ଭି.ମୁରଲୀ, ସଲମାନ ମଲ୍ଲିକ, ତପସ୍ୱୀନି ନାୟକ, ପ୍ରଭୁପ୍ରଦତ୍ତ ପାତ୍ର, ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬୪ରୁ ଉର୍ଦ୍ଧ ଜଣ ସାମିଲ ହୋଇ ଥିଲେ ।

## ସିବିଏସଇ ଦଶମ ପରୀକ୍ଷାରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ପାରଳାଖେମୁଣ୍ଡି, ୭।୫ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହରସ୍ଥିତ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ଏଥିରେ ମିହିର୍ କୁମାର ନାୟକ ସର୍ବାଧିକ ୯୫ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦଶଜଣ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ମୋଟ ପାସ୍ ହାର ହେଉଛି ୯୯ପ୍ରତିଶତ । ସେଥି ମଧ୍ୟରୁ ରେକର୍ଡ ସଂଖ୍ୟକ ୧୦୮ ଛାତ୍ରୀଛାତ୍ର ପ୍ରଥମସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ୍. ରାଓ, ବିଦ୍ୟାଳୟର ଅଧକ୍ଷା ସୁନୀତା ପାଣିଗ୍ରାହୀ, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର, ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ ମିହିର କୁମାର ନାୟକ ହେଉଛନ୍ତି ଆଇନଜୀବୀ ରାଜେଶ୍ୱର କୁମାର ନାୟକ ଏବଂ ରଞ୍ଜିତା ନାୟକଙ୍କ ପୁତ୍ର ।

■ 'ଫନୀ'ରେ ପ୍ରଭାବିତ ଭୁବନେଶ୍ୱରରେ ଜନଜୀବନ ଅସ୍ତବ୍ୟସ୍ତ

# ବ୍ରହ୍ମପୁରରୁ ଯାଉଛି ଟଙ୍କା, ଚାର୍ଜ ଲାଇଟ୍ କିରୋସିନ, ଜେନେରେଟର

**ବ୍ରହ୍ମପୁର ଅଫିସ୍,୭।୫**

ପୁରୀ, ଭୁବନେଶ୍ୱର ଏବଂ କଟକ। ରାଜ୍ୟର ଏହି ତିନଟି ପ୍ରମୁଖ ସହର ସାମୁଦ୍ରିକ ଝଡ଼ 'ଫନୀ' ଦ୍ୱାରା ପ୍ରବଳ ପ୍ରଭାବିତ ହୋଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ପିଇବା ପାଇଁ ପାଣି, ବିଜୁଳି ନାହିଁ। ଲୋକମାନଙ୍କ ଭିତରେ ହାହାକାର ପରିସ୍ଥିତି ସୃଷ୍ଟି ହେଲାଣି। ଭୁବନେଶ୍ୱରରେ ରହୁଥିବା ସମ୍ପର୍କୀୟଙ୍କ ପାଇଁ ବ୍ରହ୍ମପୁର ଲୋକେ ନଗଦ ଟଙ୍କାଠାରୁ ଆରମ୍ଭ କରି ଚାର୍ଜ ଲାଇଟ୍, ମୋବାଇଲ୍ ଫୋନ ଚାର୍ଜ କରିବା ପାଇଁ ପାୱାର୍ ବ୍ୟାଙ୍କ, କିରୋସିନ ଏବଂ ଜେନେରେଟର ପଠାଉଛନ୍ତି। ପ୍ରଶାନ୍ତ ପାଣିଗ୍ରାହୀଙ୍କ କହିବାନୁଯାୟୀ, ଭୁବନେଶ୍ୱରରେ ତାଙ୍କ ସାନ ଭାଇ ଏକ ଘରୋଇ କମ୍ପାନୀରେ କାମ କରୁଛନ୍ତି। ଭାଇ ସେଠାରେ ଏକ ଘର ଭଡ଼ାରେ ନେଇ ପ୍ରାୟ ୨ ବର୍ଷ ହେଲା ସପରିବାର ରହୁଛନ୍ତି। ଫନୀ ପରଠୁ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। କମ୍ପାନୀ ତରଫରୁ ଦରମା ଅନ୍‌ଲାଇନ୍‌ରେ ବ୍ୟାଙ୍କ ଆକାଉଣ୍ଟରେ ଜମା ହୁଏ। ଏଟିଏମ୍‌ରୁ ଟଙ୍କା ବାହାର କରି ଖର୍ଚ୍ଚ କରନ୍ତି। କିନ୍ତୁ ବାତ୍ୟା ପରଠୁ ଭୁବନେଶ୍ୱରରେ ଅଧିକାଂଶ ଏଟିଏମ୍ ଅଚଳ ହୋଇପଡ଼ିଛି। ଲୋକମାନେ ଏଟିଏମ୍‌ଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭର କରୁଥିବା ଯୋଗୁ ସେଗୁଡ଼ିକରେ ଆଉ ଟଙ୍କା ନାହିଁ। ଯେଉଁ କେତେକ କାମ କରୁଛି, ତା' ଆଗରେ ଲମ୍ବା ଧାଡ଼ି। ପାଖରେ ଟଙ୍କା ନ ଥିବା ଯୋଗୁ ନଗଦ ଟଙ୍କା ପଠାଇବାକୁ କହିଲେ। ଏଣୁ ରବିବାର ବ୍ରହ୍ମପୁରର ଏକ ଏଟିଏମ୍‌ରୁ ୧୦ହଜାର ଟଙ୍କା ଉଠାଇଥିଲି। ସକାଳୁ ବାଇକ୍‌ରେ ଯାଇ ଟଙ୍କା ଦେଇ ଫେରିଛି ବୋଲି ସେ ପ୍ରକାଶ କରିଛନ୍ତି।

ସେହିଭଳି ନାରାୟଣ ପାଢୀ କୁହନ୍ତି, ସ୍ତ୍ରୀ ଭୁବନେଶ୍ୱରରେ ଏକ ବ୍ୟାଙ୍କରେ ଚାକିରି କରୁଛନ୍ତି। ବାତ୍ୟା ପରଠୁ ବିଜୁଳି ନାହିଁ। ଏଣୁ ଚାର୍ଜ ଲାଇଟ୍, ପାୱାର୍ ବ୍ୟାଙ୍କ ଏବଂ ମଶାମରା ବ୍ୟାଟ୍ ଆଣିବା ପାଇଁ କହିଛନ୍ତି। ମଙ୍ଗଳବାର ଭୁବନେଶ୍ୱରକୁ ଯାଇ ସାମଗ୍ରୀ ହସ୍ତାନ୍ତର କରିବି ବୋଲି ସେ ପ୍ରକାଶ କରିଛନ୍ତି। ଏପରିକି ଜେନେରେଟର୍ ପାଇଁ କିରୋସିନ ମଧ୍ୟ ବ୍ରହ୍ମପୁରରୁ ବିପୁଳ ପରିମାଣରେ ଭୁବନେଶ୍ୱରକୁ ଚାଲାଣ ହେଉଛି।

## ଫନୀ ପ୍ରଭାବିତଙ୍କୁ ତୁରନ୍ତ ଥଇଥାନ ଦାବି

**ବ୍ରହ୍ମପୁର ଅଫିସ୍,୭।୫**

ଫନୀ ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛି ସିପିଆଇ(ଏମ୍)। ଦଳର ରାଜ୍ୟ କମିଟି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ବାତ୍ୟା ପ୍ରଭାବିତ ଜିଲାରେ ବିଜୁଳି, ପାନୀୟ ଜଳ ଯୋଗାଣ ଏଯାଏ ସ୍ୱାଭାବିକ ହୋଇନି। ରାଜ୍ୟ ସରକାରଙ୍କ 'ଶୂନ୍ୟ ମୃତ୍ୟୁ' ଟାର୍ଗେଟ୍ ମଧ୍ୟ ଏକ ମିଥ୍ୟା ଆସ୍ଫାଳନ। ମୃତକଙ୍କ ସଂଖ୍ୟା ୭୦ରୁ କମ୍ ହେବ ନାହିଁ। ଶତାଧିକ ଗୃହପାଳିତ ପଶୁ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ହଜାର ହଜାର ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଗରିବ ଲୋକଙ୍କ ଘରର ଛାତ ଉଡ଼ିଯାଇଥିଲେ ସୁଦ୍ଧା ପଲିଥିନ୍ ମିଳିନି। ଗତ ୪ତାରିଖରେ ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ପୁରୀ ଜିଲାର କୃଷ୍ଣପ୍ରସାଦ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ଜଗନ୍ନାଥ ମିଶ୍ର ଏବଂ ସୁରେଶ ପାଣିଗ୍ରାହୀ ସାତପଡ଼ା ଗସ୍ତ କରିଛନ୍ତି। ପ୍ରଭାବିତଙ୍କ ଅବସ୍ଥା ଦୟନୀୟ ଥିବା ଯୋଗୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଏଥି ସହ ପିଇବା ପାଣି ଏବଂ ପଲିଥିନ୍ ପ୍ରଦାନ, ବିଜୁଳି ଯୋଗାଣ, ଏକ ମାସ ପର୍ଯ୍ୟନ୍ତ ମାଗଣା ଖାଦ୍ୟ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା, ପଶୁ ସମ୍ପଦର ଚିକିତ୍ସା, ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କା ଘର, ଚାଷ ଜମିରୁ ବାଲି ହଟାଇବାକୁ ପଦକ୍ଷେପ, ମୃତକଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ, ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ଉପକରଣ, ରାସ୍ତା ଘାଟ ତୁରନ୍ତ ମରାମତି କରିବାକୁ ଦଳ ଦାବି କରିଛି। ଉପରୋକ୍ତ ଦାବିନେଇ ଆସନ୍ତା ୧୦ରେ ଦଳ ତରଫରୁ ଭୁବନେଶ୍ୱର ସମେତ ସମସ୍ତ ଜିଲାରେ ବିକ୍ଷୋଭ ଏବଂ ଧାରଣା ଦିଆଯିବ ବୋଲି ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି।

# ସିକ୍ୟୁରିଟି ଗାର୍ଡଙ୍କୁ ମିଳୁନି ଦରମା, ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସିକ୍ୟୁରିଟି ଗାର୍ଡମାନେ ।

**ପାରଳାଖେମୁଣ୍ଡି, ୭।୫ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ଗାର୍ଡମାନେ ଦରମା ପାଇନଥିବାରୁ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିକ୍ୟୁରିଟି ଗାର୍ଡମାନେ ଅଭିଯୋଗ କରିଛନ୍ତି ଯେ,ଏକ ଆଉଟ୍ ସୋର୍ସିଂ ସଂସ୍ଥା ମାଧ୍ୟମରେ ଦୀର୍ଘ ଦିନଧରି ସେମାନେ କାର୍ଯ୍ୟ କରି ଆସୁଛନ୍ତି । କିନ୍ତୁ ଗତ ୨୦୧୮ ମସିହା ସେପ୍ଟେମ୍ବର ମାସ ଠାରୁ ଅର୍ଥାତ ୮ମାସ ହେଲା ସେମାନଙ୍କୁ ଦରମା ମିଳି ନାହିଁ। ଦରମା ମିଳି ନ ଥିବାରୁ ନାନାଦି ଅସୁବିଧାର ସମ୍ମୁଖୀନ ହେବା ସହ ନିଜ ଘରର ଗୁଜାରଣ ମେଣ୍ଟାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତି ଶୀଘ୍ର ଜିଲାପାଳ ହସ୍ତକ୍ଷେପ କରି କିପରି ସରକାରଙ୍କ ନିର୍ଦ୍ଧାରିତ ମଜୁରି ହିସାବରେ ଦରମା ପାଇବେ ସେଥିପାଇଁ ପଦକ୍ଷେପ ନେବାକୁ ସନ୍ତୋଷ ବାରିକ, ଗଣେଶ ଶବର, ନରେନ୍ଦ୍ର କୁମାର ରାଉତ, ସୁଶାନ୍ତ କୁମାର ପଣ୍ଡା, ଚୈତନ୍ୟ ବେହେରା, ରାମଚନ୍ଦ୍ର ବେହେରା, ଜିତେନ୍ଦ୍ର ରଇତ, ମନୋଜ ଭୂୟାଁ, ଇନାଶ ଗମାଙ୍ଗ, କେ, ଦିଲ୍ଲେଶ୍ୱରୀ, ସନ୍ତୋଷିନୀ ପାଣିଗ୍ରାହୀ, ସୁଶାନ୍ତ କୁମାର କିଙ୍ଗଲ ପ୍ରମୁଖ ନିବେଦନ କରିଛନ୍ତି।

